# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**11 July – 2025**

## ପୂର୍ବାଞ୍ଚଳ ବୈଠକ–ମୁଖ୍ୟମନ୍ତ୍ରୀ

ପୂର୍ବାଞ୍ଚଳ ପରିଷଦ ବୈଠକରେ ରାଜ୍ୟଗୁଡ଼ିକର ସାମାଜିକ ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଭୁବନେଶ୍ୱର ଫେରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପହଞ୍ଚ ସ୍ଥାନରେ ବିକାଶ କାର୍ଯ୍ୟର ଅଗ୍ରଗତି ସହ ଓଡ଼ିଶାରେ ବ୍ୟାଙ୍କିଂ ସେବାର ବ୍ୟାପକ ଅଭିବୃଦ୍ଧି ଉପରେ ପ୍ରାଥମିକତା ଦିଆଯିବ । ଆସନ୍ତାବର୍ଷ ପୂର୍ବାଞ୍ଚଳ ପରିଷଦ ବୈଠକ ପୁରୀରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

**V/O**

## ଦଳାଚକଟା – ସାକ୍ଷ୍ୟଗ୍ରହଣ

ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି। ଉନ୍ନୟନ କମିଶନର ଅନୁ ଗର୍ଗ ଗତକାଲି ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାରେ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଏ ସଂପର୍କରେ ଶୁଣନ୍ତୁ ଏକ ରିପୋର୍ଟ :

*ଉନ୍ନୟନ କମିଶନର ଗତକାଲି ପୁରୀଠାରେ ୪୮ଜଣ ବ୍ୟକ୍ତି ତଥା ଅନୁଷ୍ଠାନର ସଦସ୍ୟମାନଙ୍କୁ ସାକ୍ଷାତ କରି ସାକ୍ଷ୍ୟ ଗ୍ରହଣ କରିଛନ୍ତି । ସେହିଭଳି ଭୁବନେଶ୍ୱରରେ ଗତ ୯ ତାରିଖରେ ଶ୍ରୀମତୀ ଗର୍ଗ ୧୭ଜଣ ବ୍ୟକ୍ତିଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ । ଏହିସବୁକୁ ରେକର୍ଡଭୁକ୍ତ କରାଯାଇଛି ।*

*ସୂଚନା ଅନୁସାରେ ରାଜ୍ୟ ସରକାର ଦଳାଚକଟା ଘଟଣାର ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନରଙ୍କୁ ଦେଇଥିବା ବେଳେ ଏଥିଲାଗି ଏକ ଚାରିଜଣିଆ କମିଟି ମଧ୍ୟ ଗଠନ କରିଛନ୍ତି ।*

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।

## କୃଷିରଣ-ସମବାୟମନ୍ତ୍ରୀ

ରାଜ୍ୟର ଚାଷୀଙ୍କୁ କୃଷିରଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବା ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥାସମୟରେ କ୍ଷତିପୂରଣ ପ୍ରଦାନ ପାଇଁ ମନ୍ତ୍ରୀ ବୀମା କମ୍ପାନୀଗୁଡ଼ିକୁ ପରାମର୍ଶ ଦେଇଛନ୍ତି ।

## ଉଚ୍ଚଶିକ୍ଷାମନ୍ତ୍ରୀ

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାର

ବୈତରଣୀ ଓ ସାଳନ୍ଦୀ ନଦୀପାର୍ଶ୍ୱରେ ବର୍ଷାଋତୁରେ ୨୦ ହଜାରରୁ ଅଧିକ ଚାରା ରୋପଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

## ରାହୁଲ୍‌ଗାନ୍ଧି - ଓଡ଼ିଶା ଗସ୍ତ

କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଗାନ୍ଧୀ ଯୋଗଦେବେ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ଆନ୍ଦୋଳନ

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଡ଼ିଶା ଡ୍ରାଇଭର ମହାସଂଘକୁ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଛନ୍ତି । ସୂଚନା ଅନୁସାରେ, ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି ।

---

## ଲୋକଅଦାଲତ

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ୨୭ ତାରିଖ ରବିବାର ଦିନ ଜିଲ୍ଲାସ୍ତରୀୟ ଲୋକଅଦାଲତ ଅନୁଷ୍ଠିତ ହେବ। ଅଧିକ ସୂଚନା ପାଇଁ ଜନସାଧାରଣ ୦୬୭୧-୨୩୬୮୩୮୩ ନମ୍ବରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧିକ୍ଷକଙ୍କୁ ଯୋଗାଯୋଗ କରିପାରିବେ ।

---

## ଧାନଗବେଷଣା କେନ୍ଦ୍ର

କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ସ୍ଥାୟୀ ଧାନ ଉତ୍ପାଦନ-ସବୁଜ ଘର ଗ୍ୟାସ୍ ନିର୍ଗମନର ନିରୀକ୍ଷଣ ସଂପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବୁଜଘର ଗ୍ୟାସ୍ ନିର୍ଗମନ ହ୍ରାସ କରିବା ଏବଂ ସମ୍ବଳ ବ୍ୟବହାର, ଦକ୍ଷତା ଉନ୍ନତି କରିବା ପାଇଁ ଜଳବାୟୁ ଅନୁକୂଳ ଅଭ୍ୟାସ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

---

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା ।

---

## କଣ୍ଢେଇ ଯାତ୍ରା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଖମାସାହି ଓ ଜଉରାସାହିଠାରେ ଆଷାଢ଼ ପୂର୍ଣ୍ଣିମା ଅବସରରେ ଗତକାଲି କଣ୍ଢେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯାତ୍ରାରେ ମାଟି, ପ୍ଲାଷ୍ଟିକ୍ ନିର୍ମିତ ବିଭିନ୍ନ କଣ୍ଢେଇ ବିକ୍ରି ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରିଥିଲେ । ସୂଚନାଯୋଗ୍ୟ ଦୀର୍ଘ ଦେଢ଼ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ କଣ୍ଢେଇଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ।

---

## ବିଶ୍ୱ ଜନସଂଖ୍ୟା ଦିବସ

ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ଉପରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି । ୧୯୮୯ ମସିହାରୁ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ଯୁବପିଢ଼ିଙ୍କୁ ସଶକ୍ତ କରିବା– ଭବିଷ୍ୟତ ଗଠନ କରିବା ।**

## ପାଣିପାଗ

ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅପରପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ସାଢ଼େ ୬ଟା ସୁଦ୍ଧା ୬୦୪ ଦଶମିକ ୭ ଫୁଟ ରହିଛି ।